# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ନିର୍ବାଚନ ପ୍ରଚାରରେ ଚଳିତ ମାସ ୬ ତାରିଖରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଧାମରାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ସୁପରସୋନିକ୍ କ୍ଷେପଣାସ୍ତ୍ର ସ୍ମାର୍ଟର ସଫଳ ପରୀକ୍ଷଣ
- ଦ୍ରବ୍ୟ ଓ ସେବା କର-ଜିଏସ୍‌ଟି ସଂଗ୍ରହରେ ୧୨ ଦଶମିକ ୪ ପ୍ରତିଶତ ବୃଦ୍ଧି

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୧ ଦଶମିକ ୩ ଡିଗ୍ରୀ ସେଲସିୟସ୍ ରେକର୍ଡ

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୬ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ୨ଟି ନିର୍ବାଚନ ସଭାରେ ଯୋଗଦେବେ । ବିଜେପି ରାଜ୍ୟ ଉପସଭାପତି  ଗୋଲକ ମହାପାତ୍ର ଏ ନେଇ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ସେହିଦିନ ସକାଳ ୧୦ଟାରେ ବ୍ରହ୍ମପୁରଠାରେ ଏକ ସାଧାରଣ ସଭାରେ ଯୋଗଦେବା ପରେ ନବରଙ୍ଗପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ଉଭୟ ସ୍ଥାନରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ ଯେ ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି । ଏହି ପର୍ଯ୍ୟାୟରେ ୪ଟି ଲୋକସଭା ଏବଂ ଏହା ଅଧିନରେ ଆସୁଥିବା ୨୮ଟି ବିଧାନସଭା ଆସନ ପାଇଁ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ ।

## କ୍ଷେପଣାସ୍ତ୍ର

ଭଦ୍ରକ ଧାମରାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଆଜି ସୁପରସୋନିକ୍ ମିସାଇଲ୍ ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡୋ-ସ୍ମାର୍ଟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ- ଡିଆରଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ର ବୁଡାଜାହାଜ

ନିରୋଧି ଯୁଦ୍ଧ କ୍ଷମତା ବୃଦ୍ଧି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ସୂଚନା ଅନୁଯାୟୀ, ଏହି କ୍ଷେପଣାସ୍ତ୍ରରେ ପାରାସୁଟ୍ ସମେତ ଅତ୍ୟାଧୁନିକ ଦିଗନିର୍ଣ୍ଣୟକାରୀ ବ୍ୟବସ୍ଥା ରହିଛି । ଆଜି ସକାଳ ୮ଟା ୩୦ ମିନିଟ୍ ସମୟରେ ଏହି କ୍ଷେପଣାସ୍ତ୍ରକୁ ଗ୍ରାଉଣ୍ଡ ମୋବାଇଲ ଲଞ୍ଚରରୁ ଉତ୍କ୍ଷେପଣ କରାଯାଇଥିଲା । ପରୀକ୍ଷଣ ସମୟରେ ଏହାର ପ୍ରତ୍ୟେକ ବିଷୟକୁ  ଯାଂଚ କରାଯାଇଥିବା ଜଣାପଡିଛି । ଏହି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ସହଯୋଗୀ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି କ୍ଷେପଣାସ୍ତ୍ର ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ ।

## ଜିଏସ୍‌ଟି ସଂଗ୍ରହ

ଦେଶରେ ଗତ ଏପ୍ରିଲ ମାସରେ ଦ୍ରବ୍ୟ ଓ ସେବା କର  ଜିଏସ୍‌ଟି ସଂଗ୍ରହ ରେକର୍ଡ ପରିମାଣ ୨ ଲକ୍ଷ ୧୦ ହଜାର କୋଟି ଟଙ୍କା ହୋଇଛି । ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ବାର୍ଷିକ ଭିତ୍ତିରେ ଜିଏସ୍‌ଟି ସଂଗ୍ରହରେ ୧୨ ଦଶମିକ ୪ ପ୍ରତିଶତ ବୃଦ୍ଧି ଘଟିଛି ।

ଓଡ଼ିଶାରେ ମଧ୍ୟ ଜିଏସ୍‌ଟି ସଂଗ୍ରହର ଗତ ଏପ୍ରିଲ୍ ମାସରେ  ରେକର୍ଡ ପରିମାଣର ୫ ହଜାର ୯୦୨ କୋଟି ହୋଇଛି । ଗତବର୍ଷ ଏପ୍ରିଲ୍ ମାସରେ ଏହି ପରିମାଣ ୫ ହଜାର ୩୫ କୋଟି ଟଙ୍କା ରହିଥିଲା । ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ୧୭ ଦଶମିକ ୨/୧ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାପଡିଛି ।

# ନିର୍ବାଚନ

ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ଚଳିତ ମାସ ୭ ତାରିଖରେ ୧୦ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ୯୩ଟି ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ଗୁଜୁରାଟରେ ୨୫, କର୍ଣ୍ଣାଟକରେ ୧୪, ମହାରାଷ୍ଟ୍ରରେ ୧୧, ଉତ୍ତରପ୍ରଦେଶରେ ୧୦, ମଧ୍ୟପ୍ରଦେଶରେ ୯, ଛତିଶଗଡ଼ରେ ୭, ବିହାରରେ ୫, ଆସାମ ଓ ପଶ୍ଚିମବଙ୍ଗରେ ୪ଟି ଲେଖାଏଁ, ଗୋଆ, ଦାଦର ଏବଂ ନଗରହାଓ୍ଵେଲୀ, ଦାମନ ଓ ଡ୍ୟୁରେ ୨ଟି ଲେଖାଏଁ ଆସନରେ ମତଦାନ ଅନୁଷ୍ଠିତ ହେବ। ଏଥିସହିତ ୧୬ଟି ରାଜ୍ୟରେ ମତଦାନ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡିଛି।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ

ଦେଶ ଗଠନରେ ଶ୍ରମିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇ ଆଜି ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଉଛି। ଏହାକୁ ମଇ ଦିବସ ମଧ୍ୟ କୁହାଯାଏ। ସମଗ୍ର ବିଶ୍ୱରେ ଅର୍ଥନୈତିକ ଏବଂ ସାମାଜିକ ଅଧିକାର ହାସଲ କରିବା ଦିଗରେ ଶ୍ରମିକଙ୍କ ବଳିଦାନକୁ ମନେ ପକାଇବା ଏହି ଦିବସର ଉଦ୍ଦେଶ୍ୟ। ଆଜିର ଦିନରେ ବିଶ୍ୱର କୋଣ-ଅନୁକୋଣରେ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତାକୁ ସମ୍ମାନ ଜଣାଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

୧୮୮୬ ମସିହାରେ ଆମେରିକାରେ ଦୈନିକ ୮ ଘଣ୍ଟା କାମ ଦାବିରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଅନେକ ଲୋକ ମଧ୍ୟ ଆହତ ହୋଇଥିଲେ। ସେବେଠାରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଶୁଭାରମ୍ଭ ହୋଇଥିଲା। ତେବେ ୧୮ଶହ ଅଣାନବେ ମସିହାରେ ୟୁରୋପର ଅନେକ ସମାଜବାଦୀ ଦଳ ମଇ ପହିଲାକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଆଜିର ଦିନରେ ଶ୍ରମିକ ଦିବସ ପାଳିତ ହେଉଛି।

ଭାରତରେ  ଶ୍ରମିକ ଦିବସ ୧୯୨୩ ମସିହାରୁ ପାଳନ କରାଯାଉଛି । ମଇ ଦିବସ ଅବସରରେ ଶ୍ରମିକମାନଙ୍କ ସହିତ ଯୋଡ଼ି ହୋଇଥିବା ସଂସ୍ଥା, କଳକାରଖାନା ଗୁଡ଼ିକର ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ  ଆଜି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମଇ ଦିବସ ଅବସରରେ **ରାଜ୍ୟପାଳ** ରଘୁବର ଦାସ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନିଷ୍ଠାପର ଭାବେ କାମ କରି ନିଜପାଇଁ ତଥା ରାଜ୍ୟପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଜରିଆରେ ଶ୍ରମିକ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଦେଶର ସାମାଜିକ ଓ ଆର୍ଥିକ ପ୍ରଗତିରେ ଶ୍ରମିକଙ୍କ ଅତୁଳନୀୟ ଯୋଗଦାନ ରହିଛି।

## ସ୍ୱତନ୍ତ୍ର ପଦକ୍ଷେପ

ରାଜ୍ୟରେ ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ମତଦାନ ସମୟରେ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଲାଗି ନିଷ୍ପତ୍ତି ହୋଇଛି। ସୂଚନା ଅନୁଯାୟୀ, ନିର୍ବାଚନରେ ସମ୍ପୃକ୍ତ କର୍ମଚାରୀମାନଙ୍କ ପ୍ରଶିକ୍ଷଣ କେନ୍ଦ୍ରରେ ଜଣେ ଡାକ୍ତର କିମ୍ବା ପାରାମେଡିକାଲ ଷ୍ଟାଫ୍ ଉପସ୍ଥିତ ରହିବେ। ସେହିଭଳି ମତଦାନ ସମୟରେ ପ୍ରତ୍ୟେକ ସେକ୍ଟର ଅଫିସରଙ୍କ ସହିତ ଜଣେ ପାରାମେଡିକାଲ ଷ୍ଟାଫ୍ ଆବଶ୍ୟକୀୟ ଔଷଧପତ୍ର ସହ ରହିବେ। ପ୍ରତ୍ୟେକ ବ୍ଲକ୍ କିମ୍ବା ଗ୍ରାମପଞ୍ଚାୟତ କ୍ଲଷ୍ଟରରେ ଗୋଟିଏ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଓ ଜଣେ ଲେଖାଏଁ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ କାର୍ଯ୍ୟକରିବେ। ଆବଶ୍ୟକସ୍ଥଳେ କୌଣସି ଭୋଟର କିମ୍ବା ନିର୍ବାଚନରେ ସମ୍ପୃକ୍ତ କର୍ମଚାରୀ ଅଂଶୁଘାତର ଶିକାର ହେଲେ ତୁରନ୍ତ ସେବା ଯୋଗାଇଦେବେ। ଏ ନେଇ ପ୍ରତ୍ୟେକ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ ରକ୍ଷା କରି କାର୍ଯ୍ୟ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଦାୟିତ୍ୱ ଗ୍ରହଣ-ଆକାଶବାଣୀ ମହାନିର୍ଦ୍ଦେଶକ

ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ମୌସୁମୀ ଚକ୍ରବର୍ତ୍ତୀ ଆଜି ଆକାଶବାଣୀ ସମ୍ବାଦ ବିଭାଗର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୧ ବ୍ୟାଚ୍‌ର ଭାରତୀୟ ସୂଚନା ସେବା ଅଧିକାରୀ ଶ୍ରୀମତୀ ଚକ୍ରବର୍ତ୍ତୀଙ୍କର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ପ୍ରେସ୍ ଇନ୍‌ଫରମେସନ୍ ବ୍ୟୁରୋ ଏବଂ ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମୁନିକେସନରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏହାଛଡା ସେ ଜାତୀୟ ମାନବାଧିକାର ଆୟୋଗରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଗତକାଲି ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର ବସୁଧା ଗୁପ୍ତା ଅବସର ଗ୍ରହଣ କରିଥିଲେ।

## ନିର୍ବାଚନ ସ୍ଥିତି-ବଲାଙ୍ଗିର

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ **ବଲାଙ୍ଗିର** ଜିଲ୍ଲାରେ ବଲାଙ୍ଗିର, ଲୋଇସିଂହା ଓ ପାଟଣାଗଡ଼ ବିଧାନସଭା ଆସନ ପାଇଁ ପ୍ରଚାର ଜୋର୍ ଧରିଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ପ୍ରଚାର ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ଶୋ’ ମାଧ୍ୟମରେ ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ

ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି । **ବଲାଙ୍ଗିର** ଜିଲ୍ଲାର ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା **ସୁବୋଧ ମେହେର**ଙ୍କ ରିପୋର୍ଟ...

**- V/O –**

## ରାଷ୍ଟ୍ରୀୟ ଲୋକଅଦାଲତ

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଚଳିତ ମାସ ୧୧ ତାରିଖ ଦ୍ୱିତୀୟ ଶନିବାର ଦିନ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଉଚ୍ଚ ନ୍ୟାୟାଳୟ ସମେତ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ ନ୍ୟାୟାଳୟ ପରିସରରେ ଏହି ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମାଗୁଡ଼ିକର ବିଚାର ସହ ଦେଓ୍ୱାନୀ ମକଦ୍ଦମାଗୁଡ଼ିକର ଆପୋଷ ସହମତିରେ ସମାଧାନ କରାଯିବ ।

## ନିର୍ବାଚନ ସମୀକ୍ଷା ବୈଠକ

ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଓ ଆଠମଲ୍ଲିକ୍ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆଜି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗଙ୍ଗା ଶିବାୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ

ଅଧିକାରୀମାନଙ୍କ ସହ ନିର୍ବାଚନ ଖର୍ଚ୍ଚର ସଠିକ୍ ଆକଳନ ଉପରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଛି।

## ପାଣିପାଗ

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା  ୪୧ ଦଶମିକ ୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ୪୧ ଦଶମିକ ୨, ସମ୍ବଲପୁରରେ ୪୦ ଦଶମିକ ୬, ହୀରାକୁଦରେ ୪୦ ଦଶମିକ ୪ ଏବଂ କେନ୍ଦୁଝରରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅଧିକାଂଶ ସହରର ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଛି।

ଅତ୍ୟଧିକ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, ସମ୍ବଲପୁର, ସୋନପୁର, ନୂଆପଡା, କଳାହାଣ୍ଡି ଏବଂ ବୌଦ୍ଧ ଜିଲ୍ଲାକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଅନ୍ୟ ୧୧ଟି ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ନେଇ ସତର୍କ କରାଯାଇଛି। ତେବେ ୨ ଦିନ ପରେ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ପାଇବା ସମ୍ଭାବନା ଥିବା

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।  ଅନ୍ୟପକ୍ଷରେ ଆଜି ଅପରାହ୍ଣରେ କଟକ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘଡଘଡ଼ି ସହ ବର୍ଷା ହୋଇଯାଇଛି।

*********************************